


# ଓଡ଼ିଆ ଟେଲିଭିଜନ ସମ୍ବାଦଭିତ୍ତିକ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଓ ରଥଯାତ୍ରା: ଏକ ଅନ୍ତରଙ୍ଗ ଅନୁଭବ

୨୦୦୨ ଜାନୁଆରି ଶେଷ ସପ୍ତାହରେ ଓଡ଼ିଆ ଟେଲିଭିଜନ ଦୁନିଆରେ ପାଦ ଦେଇଥିଲା ରାମୋଜୀ ଗ୍ରୁପ୍‌ର ଆଞ୍ଚଳିକ ଭାଷା ଚ୍ୟାନେଲ୍ 'ଇଟିଭି ଓଡ଼ିଆ'। ମନୋରଂଜନ ବିଭାଗରେ ବିଭିନ୍ନ ଆକର୍ଷଣୀୟ ଫିକ୍‌ସନ୍ ଓ ନନ୍‌ଫିକ୍‌ସନ କାର୍ଯ୍ୟକ୍ରମ ସହ ନ୍ୟୁଜ୍ ବା ଖବର ପ୍ରସାରଣ ଆରମ୍ଭକରି ରାଜ୍ୟର ଏହି ପ୍ରଥମ ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲ୍ ଅଳ୍ପଦିନ ଭିତରେ କେବଳ ରାଜ୍ୟ କାହିଁକି, ଦେଶରେ ଏପରିକି ବିଦେଶରେ ଓଡ଼ିଆ ଦର୍ଶକଙ୍କ ପାଇଁ ପାଲଟି ଯାଇଥିଲା ଏକ ଆକର୍ଷଣ।

'ଇଟିଭି, ଆମ ଟିଭି' - ଏଇ ସ୍ଲୋଗାନ୍‌କୁ ନେଇ ଚ୍ୟାନେଲ୍‌ର ଖବର ବିଭାଗ ମଧ୍ୟ ସାଧାରଣ ଦର୍ଶକଙ୍କ ପାଖରେ ପହଞ୍ଚିଥିଲା ଓ ସୃଷ୍ଟି କରିଥିଲା ଓଡ଼ିଆ ଭାଷାରେ ଟେଲିଭିଜନ ସମ୍ବାଦ ଓ ସମ୍ବାଦଭିତ୍ତିକ କାର୍ଯ୍ୟକ୍ରମର  ନୂଆ ଧାରା।

ସେହିବର୍ଷ, ଯେତେବେଳେ ପୁରୀରୁ ଶ୍ରୀଗୁଣ୍ଡିଚା ଓ ବାହୁଡ଼ାଯାତ୍ରାର ସିଧାପ୍ରସାରଣ ଦାୟିତ୍ୱ ଚ୍ୟାନେଲ୍‌ର ମନୋରଂଜନ ବିଭାଗ ହାତକୁ ନେଇଥିଲା, ନ୍ୟୁଜ୍ ବିଭାଗ ଆରମ୍ଭ କରିଥିଲା ଜଗନ୍ନାଥଙ୍କୁ ନେଇ ପ୍ରଚଳିତ କିମ୍ବଦନ୍ତୀ, ଇତିହାସ ଏବଂ ରଥଯାତ୍ରାର ବିଭିନ୍ନ ଦିଗ ଉପରେ ସିରିଜ୍ ଓ ପ୍ରାମାଣିକ ଚିତ୍ର। ଏଇ ଡକୁମେଣ୍ଟାରି କ୍ରମରେ ପ୍ରଥମେ ଆସିଥିଲା- 'ଜୀବନ ଜଗନ୍ନାଥ'। ଶ୍ରୀମନ୍ଦିରର ଇତିହାସ, ଜଗନ୍ନାଥଙ୍କୁ ନେଇ ଦର୍ଶନ ଓ ରଥଯାତ୍ରାର ବିବିଧ ଧାରା- ଏସବୁର ସମ୍ମିଶ୍ରଣ ଥିଲା ଏଇ ବିଶେଷ କାର୍ଯ୍ୟକ୍ରମ।

ବର୍ଷକୁ ବର୍ଷ ଇଟିଭି ନୂଆ ନୂଆ କାର୍ଯ୍ୟକ୍ରମ ଯୋଡ଼ି ଚାଲିଲା ଓ ଏହି ଧାରାରେ ପ୍ରତିବର୍ଷ ନ୍ୟୁଜ୍ ଟିମ୍ କିଛି ନା କିଛି ନୂଆ ଦିଗ ଉପରେ ଧ୍ୟାନ ଦେଇ ଦର୍ଶକଙ୍କ ମନ ଜିଣିବାରେ ଯତ୍ନବାନ ହେଲା। ଏହି ପରିକଳ୍ପନା ସମୟକ୍ରମେ ବହୁ ଲୋକପ୍ରିୟ କାର୍ଯ୍ୟକ୍ରମର ରୂପ ନେଇଛି, ଯେମିତି: 'ଦେଶ ବିଦେଶରେ

ଜଗନ୍ନାଥ', 'ଭାରତରେ ଜଗନ୍ନାଥ', 'ବାରିପଦା ରଥ', 'ଦରିଆପାରି ଜଗନ୍ନାଥ', 'ଶାବର ଶ୍ରୀକ୍ଷେତ୍ର', 'ଗଡ଼ଜାତରେ ଜଗନ୍ନାଥ', 'ଆଦ୍ୟସେବକ ଗଜପତି', 'ହୋ ଭଗତେ' ଏବଂ 'ସଂଗୀତ ଜଗନ୍ନାଥ'। ଏହା ବାହାରେ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ଦ୍ୱାରା ରଥଟଣା ପରଂପରା ନେଇ 'ସୁଭଦ୍ରା ରଥ', ଜଗନ୍ନାଥଙ୍କ ବାରମ୍ବାର ଆତ୍ମଗୋପନର ଐତିହାସିକ କଥାକୁ ନେଇ 'କେଣେ ଘେନିଯାଉଛ ଜଗନ୍ନାଥଙ୍କୁ', ଗୁଜରାଟର ଶତାବ୍ଦୀ ପ୍ରାଚୀନ ରଥଯାତ୍ରା ଉପରେ 'ଗୁଜରାଟ ରଥଯାତ୍ରା', ଆଦିବାସୀ ଆରାଧ୍ୟ ଜଗନ୍ନାଥଙ୍କୁ ନେଇ 'ଶାବର ଜଗନ୍ନାଥ' ଏବଂ ଚଳନ୍ତି ଦେଉଳ - ତିନିରଥ ଉପରେ ସ୍ୱତନ୍ତ୍ର ପ୍ରାମାଣିକ ଫିଚର 'ରଥ ଯା ଗଡ଼ିଯା' ଏହି ଧାରାର ଅନ୍ୟ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଉପହାର। ଗତ ଆଠ ବର୍ଷର ଏହି ପ୍ରସାରଣ ପରଂପରା ମଧ୍ୟରେ ଇଟିଭି ନ୍ୟୁଜ୍ ଦର୍ଶକଙ୍କୁ ଉପହାର ଦେଇଛି ଏଭଳି ତିରିଶରୁ ଅଧିକ ଆକର୍ଷଣୀୟ ଅଧ୍ୟାୟ। ଆଉ ଟିକେ ଗଭୀର ଭାବେ କହିବାକୁ ଗଲେ, ଯେତେବେଳେ ପ୍ରସାରଣ ମାଧ୍ୟମରେ ଜଗନ୍ନାଥଙ୍କ ଉପରେ କାର୍ଯ୍ୟକ୍ରମ ମୁଖ୍ୟତଃ ପୁରୀର ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ମଧ୍ୟରେ ସୀମିତ ଥିଲା, ସେତେବେଳେ ଇଟିଭି ଗୋଟିଏ ପଟେ ଆଞ୍ଚଳିକ କ୍ଷେତ୍ରରେ ପ୍ରତିଷ୍ଠିତ ବାରିପଦା, କୋରାପୁଟ ଆଦି କ୍ଷେତ୍ର ଉପରେ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରିବା ସହ ଦେଶ ବିଦେଶରେ ପହଞ୍ଚି ଜଗନ୍ନାଥ ଓ ରଥଯାତ୍ରା ସହ ଜଡ଼ିତ ଓଡ଼ିଆ ଏବଂ ଅଣଓଡ଼ିଆ ଭକ୍ତପ୍ରାଣଙ୍କ ଆବେଗ ଓ ଉଲ୍ଲାସକୁ କ୍ୟାମେରାରେ ତୋଳି ଧରିବାକୁ ଚେଷ୍ଟା କରିଥିଲା। ପଶ୍ଚିମବଙ୍ଗ, ବିହାର ଓ ଗୁଜରାଟର ବିଭିନ୍ନ ସ୍ଥାନରେ ବହୁକାଳରୁ ପ୍ରଚଳିତ ରଥଯାତ୍ରା ବା ଦେଶର ବିଭିନ୍ନ ପ୍ରମୁଖ ନଗରୀରେ ଓଡ଼ିଆମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଥିଲା ଏସବୁ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ। ଏହା ସମ୍ଭବ ହୋଇପାରିଛି ଇଟିଭିର ବିଶାଳ ନେଟୱର୍କ, ଚ୍ୟାନେଲ୍‌ର କର୍ମକର୍ତ୍ତା, ପ୍ରଯୋଜକ ଓ ପ୍ରତିନିଧିମାନଙ୍କ ଇଚ୍ଛାଶକ୍ତି ତଥା ଦର୍ଶକଙ୍କ ଗ୍ରହଣୀୟତା ଯୋଗୁଁ।

ନ୍ୟୁଜ୍ ବିଭାଗ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉପରେ ଅଧିକ ତର୍ଜମା କରିବା ପୂର୍ବରୁ ଆସନ୍ତୁ ଦେଖିନେବା ଇଟିଭି ଓଡ଼ିଆରେ ରଥଯାତ୍ରାର ସିଧାପ୍ରସାରଣ ପରଂପରାର ଆରମ୍ଭ ଓ ଆଜିର ସ୍ଥିତି କ'ଣ ରହିଛି। ଓଡ଼ିଆ ଭାଷାରେ ଅଳ୍ପ କିଛି ପ୍ରାମାଣିକ ଚିତ୍ରକୁ ଛାଡିଦେଲେ ଯଦି ଦୃଶ୍ୟଶ୍ରାବ୍ୟ (ଅଡିଓ ଭିଜୁଆଲ୍) ମାଧ୍ୟମରେ ଶ୍ରୀଜଗନ୍ନାଥ ଓ ରଥଯାତ୍ରା ଉପରେ କେଉଁଠି ବ୍ୟାପକ କାର୍ଯ୍ୟକ୍ରମ ପ୍ରସାରିତ ହୋଇଛି, ତେବେ ତା' ହେଉଛି 'ଇଟିଭି ଓଡ଼ିଆ'। ଦୂରଦର୍ଶନ ଯେତେବେଳେ ପୁରୀରୁ କେବଳ ଶ୍ରୀଗୁଣ୍ଡିଚାର ସିଧାପ୍ରସାରଣ କରୁଥିଲା, ଇଟିଭି ପ୍ରଥମ ବର୍ଷ ଗୁଣ୍ଡିଚା ସହିତ ବାହୁଡ଼ାକୁ ଯୋଡ଼ି ସିଧାପ୍ରସାରଣ ପରଂପରାକୁ ଗୋଟିଏ ପାଦ ଆଗକୁ ନେଇଥିଲା। ପରବର୍ତ୍ତୀ କାଳରେ ଇଟିଭି ଏଇ ଦୁଇଟି ଦୁର୍ଲ୍ଲଭ ଅବସର ବାହାରେ ରଥଯାତ୍ରା ସହିତ ଜଡ଼ିତ ସଂପୂର୍ଣ୍ଣ ପ୍ରକ୍ରିୟାର ସିଧାପ୍ରସାରଣ ଆରମ୍ଭ କରି ସ୍ନାନ ପୂର୍ଣ୍ଣିମା, ସୁନାବେଶ ଓ ନୀଳାଦ୍ରିବିଜେକୁ ମୂଳ କାର୍ଯ୍ୟକ୍ରମ ସହ ଯୋଡ଼ିଥିଲା। ୨୦୦୨ ମସିହାରେ ଆରମ୍ଭ ହୋଇଥିବା ୧୬ ଘଣ୍ଟାର ସିଧାପ୍ରସରଣ କାର୍ଯ୍ୟକ୍ରମ ୨୦୦୯ ମସିହାର ବେଶ୍ ପୂର୍ବରୁ ପାଖାପାଖି ୪୦ ଘଣ୍ଟାରେ ପହଞ୍ଚିପାରିଛି।

'ହୋ ଭଗତେ' ଥିଲା ଇଟିଭି ନ୍ୟୁଜ୍‌ର ଆଉ ଏକ ବିଶେଷ କାର୍ଯ୍ୟକ୍ରମ। ଜଗନ୍ନାଥଙ୍କ ପରମ ଭକ୍ତମାନଙ୍କ କାହାଣୀକୁ ନେଇ କିଛି ବାସ୍ତବ ଚିତ୍ର (ବା ଭିଜୁଆଲ୍) ଓ କିଛି ସ୍ୱତନ୍ତ୍ର ଅଙ୍କନ ମାଧ୍ୟମରେ ଏହାର ଯେଉଁଭଳି ପରିକଳ୍ପନା ଓ ପ୍ରଯୋଜନା ହୋଇଛି ତାହା ଓଡ଼ିଆ ଟିଭି ମାଧ୍ୟମରେ ଏକ ନୂଆ ଧାରା ଓ

ସୃଜନଶୀଳତାର ପରିଚୟ ଦେଇଛି। ପୋଥିରେ, ବହିରେ ବା ଲୋକମୁଖରେ ପ୍ରଚଳିତ ପ୍ରାଚୀନ କାହାଣୀକୁ ଟେଲିଭିଜନ ପରଦା ଉପଯୋଗୀ କଲାବେଳେ ଇଟିଭି ଟିମ୍‌କୁ ଡେର୍ ସ୍ୱପ୍ନ ଦେଖିବାକୁ ପଡ଼ିଛି ଓ ଅନେକ ମଧୁର ଆହ୍ୱାନର ମଧ୍ୟ ସାମ୍ନା କରିବାକୁ ପଡ଼ିଛି।

୨୦୦୬ ରଥଯାତ୍ରା ପୂର୍ବରୁ ଯେତେବେଳେ 'କ'ଣ ନୂଆ କାର୍ଯ୍ୟକ୍ରମ କରାଯାଇପାରେ' ବୋଲି ମାନସ ମନ୍ଥନ ଚାଲିଥିଲା, ମନକୁ ଆସିଲା 'ସଙ୍ଗୀତ ଜଗନ୍ନାଥ'। ଯେଉଁ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ସଂଗୀତ ଗୁରୁମାନେ ଭଜନ, ଜଣାଣ ମାଧ୍ୟମରେ ଜଗନ୍ନାଥପ୍ରେମୀଙ୍କୁ ଦଶନ୍ଧି ଦଶନ୍ଧି ଧରି ଅଭିଭୂତ କରି ଆସିଛନ୍ତି, ସେଇମାନେ ଇଟିଭି ଷ୍ଟୁଡ଼ିଓରେ ବସିବେ ଓ ବର୍ଣ୍ଣନା କରିବେ ସେମାନଙ୍କ ଜଗନ୍ନାଥାନୁଭୂତି। ମଝିରେ ମଝିରେ ଲୋକପ୍ରିୟ ସଂଗୀତର କିଛି ଅଂଶ ଉପସ୍ଥାପନ କରିବେ, ଦର୍ଶକଙ୍କୁ ମନେପକାଇ ଦେବାପାଇଁ। ଏହି ପରିକଳ୍ପନାରୁ 'ସଙ୍ଗୀତ ଜଗନ୍ନାଥ'ର ଦୁଇଟି ଅଧ୍ୟାୟ ଜନ୍ମ ନେଇଥିଲା; ଆଉ ସେଇ ଉପସ୍ଥାପନା ଭିତରେ ଆପଣାର ଭାବାବେଗ ଓ  ସୁଲଳିତ କଳା ପ୍ରଦର୍ଶନ କରିଥିଲେ ପ୍ରଫୁଲ୍ଲ କର, ସିକନ୍ଦର ଆଲାମ୍, ଚିତ୍ତ ଜେନା, ପ୍ରଣବ ପଟ୍ଟନାୟକ, ସୁବାସ ଦାଶ, ସଂଗୀତା ଗୋସାଇଁ ଓ ଶାନ୍ତିଲତା ବାରିକଙ୍କ ପରି ଲବ୍ଧପ୍ରତିଷ୍ଠ ଶିଳ୍ପୀମାନେ। ଜଗନ୍ନାଥ ଓ ସଂଗୀତ- ଏ ଦୁଇଟି ବିଷୟର ସୂକ୍ଷ୍ମ ସଂଯୋଜନାରୁ ସୃଷ୍ଟି ହୋଇଥିଲା 'ସଂଗୀତ ଜଗନ୍ନାଥ' ଓ ବହୁ ଦର୍ଶକଙ୍କ ଆଖିରେ ତାହା ଭରିଦେଇଥିଲା ଭକ୍ତି ଓ ଆବେଗର ଅଶ୍ରୁ। ଇଟିଭିର ପ୍ରଡ୍ୟୁସରମାନଙ୍କ ଆଖି ମଧ୍ୟ ଓଦା ହୋଇଯାଇଥିଲା ସେଇ ଭାବନାର ପ୍ରତିଫଳନରେ ଓ କାର୍ଯ୍ୟକ୍ରମର ସଫଳତାରେ।

ଉପର ବର୍ଣ୍ଣିତ ବିଭିନ୍ନ ବିଷୟ ଭିତରେ 'ଦରିଆପାରି ଜଗନ୍ନାଥ' ଇଟିଭି ଓଡ଼ିଆର ଏକ ଡ୍ରିମ୍ ପ୍ରୋଜେକ୍ଟ ଯାହାକି ୨୦୦୯ରେ ଚତୁର୍ଥ ବର୍ଷରେ ପାଦ ଦେଇଛି। ଆରମ୍ଭରୁ 'ଦେଶ ବିଦେଶରେ ଜଗନ୍ନାଥ' କାର୍ଯ୍ୟକ୍ରମର ଏକ ଅଂଶ ଥିଲା ବିଦେଶରେ ଜଗନ୍ନାଥ ଯାତ୍ରା। ପରେ ଏହାକୁ ଏକ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମର ରୂପ ଦେବାକୁ ଉଦ୍ୟମ କରାଗଲା। ଦେଶର ବିଭିନ୍ନ ସ୍ଥାନର ରଥଯାତ୍ରାରୁ ପ୍ରସ୍ତୁତ କାର୍ଯ୍ୟକ୍ରମର ନାଁ 'ଭାରତରେ ଜଗନ୍ନାଥ' ରହିଲା ଓ କେବଳ ବିଦେଶରୁ ଆସିଥିବା ରିପୋର୍ଟରୁ ସୃଷ୍ଟି ହେଲା 'ଦରିଆପାରି ଜଗନ୍ନାଥ'।

'ଦରିଆପାରି ଜଗନ୍ନାଥ' କ୍ରମରେ  ଇଟିଭି ଓଡ଼ିଆ ପୃଥିବୀର ବିଭିନ୍ନ ଦେଶରୁ ତଥ୍ୟ ଓ ଚିତ୍ର ସଂଗ୍ରହ କରିଛି। କିଛି ସ୍ୱତନ୍ତ୍ର ଭାବେ ଇଟିଭି ପାଇଁ ରେକର୍ଡ କରାଯାଇଛି ତ' ଆଉ କିଛି ପ୍ରବାସୀ ଓଡ଼ିଆ ଏବଂ ଅଣଓଡ଼ିଆ (ଭାରତୀୟ ବା ବିଦେଶୀ) ବ୍ୟକ୍ତି ଓ ସଂଗଠନଙ୍କ ଜରିଆରେ ସମ୍ଭବ ହୋଇପାରିଛି। ପ୍ରମୁଖ ସ୍ଥାନ ଭିତରେ ଆମେରିକାର ନାଶଭିଲେ, ନ୍ୟୁ ଜର୍ସି, ସାନ୍ ଫ୍ରାନସିସ୍‌କୋ, ନ୍ୟୁୟର୍କ, ଆଟ୍‌ଲାଣ୍ଟିକ୍ ସିଟି, ହ୍ୟୁଷ୍ଟନ, ଜାପାନର ଟୋକିଓ, ବାଂଲାଦେଶର ଢାକା, ଲଣ୍ଡନ ଇତ୍ୟାଦି ଅନ୍ୟତମ। ଇସ୍‌କନ୍ ସୌଜନ୍ୟରୁ ମଧ୍ୟ ଇଟିଭି ପାଇଛି ବିଭିନ୍ନ ଦେଶରେ ହେଉଥିବା ରଥଯାତ୍ରାର କିଛି ଚିତ୍ର ଓ ତଥ୍ୟ। ଏସବୁ ସଂପାଦିତ ହୋଇ, ଓଡ଼ିଆ ଟେଲିଭିଜନ କ୍ଷେତ୍ରରେ,  'ଦରିଆପାରି ଜଗନ୍ନାଥ' ଭଳି ଏକ ସଂପୂର୍ଣ୍ଣ ନୂଆ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମିଳିପାରିଛି। ଏଥିପାଇଁ ଦେଶ ବିଦେଶର ଉତ୍ସାହୀ ଓଡ଼ିଆ ବ୍ୟକ୍ତିବିଶେଷ, ବିଭିନ୍ନ ଅନୁଷ୍ଠାନ, ବିଶେଷକରି 'ଜଗନ୍ନାଥ ସୋସାଇଟି ଅଫ୍ ଆମେରିକାସ୍', 'ଓଡ଼ିଶା କମ୍ୟୁନିଟି ଜାପାନ' ଆଦି ଅନୁଷ୍ଠାନର ଭୂମିକା ସ୍ମରଣୀୟ।

ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱଭ୍ରମଣର ଚିତାକର୍ଷକ କାହାଣୀ କେବଳ ଟିଭି ପରଦାରେ ସୀମିତ ହୋଇ ରହିନାହିଁ । ବଛା ବଛା ରିପୋର୍ଟକୁ ଇଣ୍ଟରନେଟ୍ ମାଧ୍ୟମରେ ସାରା ପୃଥିବୀର ଲୋକଙ୍କ ପାଖରେ ପହଞ୍ଚାଇଛି ଇଟିଭି । ୨୦୦୮ ମସିହାରେ ଏକମାସ ବ୍ୟାପି ଏହି ପଦକ୍ଷେପ ପରେ ୨୦୦୯ରେ ମଧ୍ୟ ଅନୁରୂପ ଉଦ୍ୟମ କରିଛନ୍ତି ଇଟିଭି କର୍ତ୍ତୃପକ୍ଷ । ନିଜ ସୁବିଧାରେ କଂପ୍ୟୁଟର ପରଦାରେ ତାହା ଦେଖି ମାତୃଭୂମିରୁ ହଜାର ହଜାର ମାଇଲ୍ ଦୂରରେ ଥିବା ଓଡ଼ିଆମାନେ ଯେତିକି ଉଲ୍ଲସିତ ହେଉଛନ୍ତି; ଦରିଆପାରିରେ ଥିବା ଓଡ଼ିଆଙ୍କ ଅପୂର୍ବ ସଂସ୍କୃତି ଓ ଜଗନ୍ନାଥ ପ୍ରୀତି ଦେଖି ଦେଶରେ ଥିବା ଓଡ଼ିଆମାନେ ତହୁଁ ଅଧିକ ଉତ୍ସାହିତ ମନେକରିଛନ୍ତି । 'ବସୁଧୈବ କୁଟୁମ୍ବକମ୍' ନୀତିରେ ସାରା ପୃଥିବୀରେ ଓଡ଼ିଆ ଓ ଅନ୍ୟଭାଷୀଙ୍କୁ ଜଗନ୍ନାଥ-ଦର୍ଶନ ଏକାଠି କରିଥିବା ବେଳେ ସେହି ଯାତ୍ରାକୁ ଅନୁସରଣକରି ଗଣମାଧ୍ୟମ କ୍ଷେତ୍ରରେ ଇଟିଭି ସୃଷ୍ଟି କରିଛି ଏକ ନୂଆ ଧାରା ଓ ନୂଆ ଅନୁଭବ ।

'ଜୀବନ ଜଗନ୍ନାଥ'ଠାରୁ 'ଦରିଆପାରି ଜଗନ୍ନାଥ' ପର୍ଯ୍ୟନ୍ତ ଇଟିଭି ଜଗନ୍ନାଥଯାତ୍ରାର ପ୍ରତିଟି ପାହଚ ନିକଟରେ ଠିଆହେବାର ସୁଯୋଗ ପାଇ ଏବଂ ଏ ସମସ୍ତ କାର୍ଯ୍ୟକ୍ରମର ପରିକଳ୍ପନା, ସଂଯୋଜନା ଓ ପ୍ରସାରଣ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହୋଇ ଏ ଲେଖକ ଧନ୍ୟ ମନେକରୁଛି । ଗତ ଆଠ ବର୍ଷ ଭିତରେ ଏହିସବୁ କାର୍ଯ୍ୟକ୍ରମ ଯେ କେବଳ ଓଡ଼ିଆ ଟେଲିଭିଜନ ଦର୍ଶକଙ୍କ ପାଇଁ ଅପୂର୍ବ ଜଗନ୍ନାଥାନୁଭୂତି ଓ ମନୋରଂଜନ ଆଣି ଦେଇଛି ତା' ନୁହେଁ; ପୃଥିବୀର ବିଭିନ୍ନ ଦେଶରେ ଜଗନ୍ନାଥ ଚେତନାର ପ୍ରସାର ଏବଂ ଓଡ଼ିଆଙ୍କ ସାଂସ୍କୃତିକ ପରିଚୟ ପ୍ରତିଷ୍ଠା ଦିଗରେ ମଧ୍ୟ ସହାୟକ ହୋଇପାରିଛି- ଇଟିଭି ଓଡ଼ିଆ ନ୍ୟୁଜ୍ର ସଂପାଦକ ହିସାବରେ ଏହା ମୋର ଅନ୍ତରଂଗ ଅନୁଭବ ।

ଶ୍ରୀଜଗନ୍ନାଥ ଓ ରଥଯାତ୍ରା ସହିତ ବିଶ୍ୱଭ୍ରମଣ କରି 'ଇଟିଭି ଓଡ଼ିଆ' ଏକ ବିଶେଷ ଅନୁଭବ ହାସଲ କରିଛି । ଗତ ଦୁଇ ବର୍ଷ ହେଲା ଓଡ଼ିଆ ଭାଷାର ଅନ୍ୟ କେତେକ ଚ୍ୟାନେଲ୍ ରାଜ୍ୟ ଭିତରେ ଜଗନ୍ନାଥଙ୍କୁ ନେଇ ସମ୍ବାଦଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ କିଛି କିଛି କାମ ଆରମ୍ଭ କରିଛନ୍ତି । ଓଡ଼ିଆ ଟେଲିଭିଜନ ଗଣମାଧ୍ୟମରେ କାର୍ଯ୍ୟକ୍ରମର ରୂପରେଖକୁ ନେଇ ବର୍ତ୍ତମାନ ଯେଉଁ ନୂଆ ନୂଆ ଧାରା ସୃଷ୍ଟି ହେଉଛି, ଏହି ପ୍ରତିଯୋଗିତା ତାକୁ ନିଶ୍ଚୟ ସମୃଦ୍ଧ କରିବ ।

**ନୀଳାମ୍ବର ରଥ**

ନ୍ୟୁଜ୍ କୋଅର୍ଡିନେଟର
ଇଟିଭି ଓଡ଼ିଆ
ରାମୋଜୀ ଫିଲ୍ମସିଟି
ହାଇଦ୍ରାବାଦ-୫୦୧୫୧୨

ଇମେଲ୍: nilambar.rath@etv.co.in
ମୋବାଇଲ୍: ୦୯୧-୯୩୯୧୦୪୧୯୪୪